# NATIONAL NEWS BULLETIN (ODIA)

**11 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ୧୦୯ଟି ଅଧିକ ଅମଳକ୍ଷମ, ଜଳବାୟୁ ସହନଶୀଳ ଏବଂ ଉଚ୍ଚ ପୋଷକ ତତ୍ତ୍ୱଯୁକ୍ତ ଫସଲ ପ୍ରଜାତିର ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

- ଦୁଇଦିନିଆ ନେପାଳ ଗସ୍ତରେ ଯାଇ କାଠମାଣ୍ଡୁରେ ପହଞ୍ଚିଲେ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ ।

- ନିଟ୍ ପିଜି ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ।

- ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ଅତ୍ୟନ୍ତ ଜଘନ୍ୟ ବୋଲି ଅଭିହିତ କଲେ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ।

ଏବଂ

- ଭାରତୀୟ ସମୟ ରାତି ସାଢ଼େ ୧୨ଟାରେ ଅନୁଷ୍ଠିତ ହେବ ପ୍ୟାରିସ୍ ଅଲିମ୍ପିକ୍ସର ଉଦ୍‌ଯାପନୀ ସମାରୋହ ।

# ପିଏମ୍- କର୍ପସ ରିଲିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ୧୦୯ଟି ଅଧିକ ଅମଳକ୍ଷମ, ଜଳବାୟୁ ସହନଶୀଳ ଏବଂ ଉଚ୍ଚ ପୋଷକ ତତ୍ତ୍ୱଯୁକ୍ତ ଫସଲ ପ୍ରଜାତିର ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକ ଏବଂ ବୈଜ୍ଞାନିକମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୧୦୯ଟି ଫସଲ ମଧ୍ୟରୁ ୩୪ଟି କ୍ଷେତ ଫସଲ ଓ ୨୭ଟି ଉଦ୍ୟାନ କୃଷି ଫସଲ ରହିଛି। କ୍ଷେତ ଫସଲ ମଧ୍ୟରେ ବାଜରା, ତୈଳବୀଜ, ଡାଲିଜାତୀୟ ଫସଲ, ଆଖୁ, କପା, ଫାଇବର ସମେତ ବିଭିନ୍ନ ଶସ୍ୟର ବିହନ ରହିଛି। ଉଦ୍ୟାନ କୃଷି ଫସଲରେ ବିଭିନ୍ନ ପ୍ରକାରର ଫଳ, ପନିପରିବା, ରୋପଣ ଫସଲ, କନ୍ଦମୂଳ, ମସଲା, ଫୁଲ ଏବଂ ଔଷଧୀୟ ବୃକ୍ଷ ରହିଛି ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ଆଜି ଭାରତୀୟ କୃଷକ ସମାଜ ପାଇଁ ଏକ ଐତିହାସିକ ଦିନ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଶସ୍ୟ ମାଧ୍ୟମରେ କୃଷକଙ୍କର ଆୟବୃଦ୍ଧି ସହ କୃଷି ଉତ୍ପାଦନ ବଢ଼ିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ପିଏମ୍-ପ୍ରେଜ୍ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତିମୋର ଲିସ୍ତେର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଗ୍ରାଣ୍ଡ କଲାର୍ ଅଫ୍ ଦି ଅର୍ଡର୍ ଅଫ୍ ତିମୋର ଲିସ୍ତେ' ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଦେଶ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି । ସାମାଜକ ଗଣମାଧ୍ୟମକୁ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଦେଶର ରାଷ୍ଟ୍ରପତି ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ହାସଲ କରିବା ଏକ ସମ୍ମାନର ପ୍ରଶ୍ନ । ସେ ଆହୁରି ମଧ୍ୟ କହିଛନ୍ତି ଏହି ସମ୍ମାନ ଭାରତ ଏବଂ ତିମୋର ଲିସ୍ତେ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହେବ । ରାଷ୍ଟ୍ରପତିଙ୍କର ଦେଶ ଓ ଜାତି ଉଦ୍ଦେଶ୍ୟରେ ଦୀର୍ଘବର୍ଷର ଅବଦାନର ନିଦର୍ଶନ ବୋଲି ଶ୍ରୀ ମୋଦୀ ଅଭିହିତ କରିଛନ୍ତି ।

# ପିଏମ୍-ନଟବର ସିଂହ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ବୈଦେଶିକ ମନ୍ତ୍ରୀ ନଟବର ସିଂହଙ୍କ ବିୟୋଗରେ ଦୁଃଖପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମକୁ ପୋଷ୍ଟ କରି ଉପରାଷ୍ଟ୍ରପତି କହିଛନ୍ତି ସ୍ୱର୍ଗତ ନଟବର ସିଂହ ବୈଦେଶିକ ବିଭାଗ ମନ୍ତ୍ରୀ ହିସାବରେ ଦେଶପ୍ରତି ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିଲେ । ଶ୍ରୀ ଧନଖଡ ଆହୁରି ମଧ୍ୟ

କହିଛନ୍ତି ସ୍ୱର୍ଗତ ସିଂହ ଜଣେ ଉଚ୍ଚକୋଟୀର ଲେଖକ ଓ ଉଚ୍ଚ ଆଦର୍ଶବାନ ବ୍ୟକ୍ତିତ୍ୱ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱର୍ଗତ ସିଂହଙ୍କ ସ୍ମୃତିଚାରଣ କରି କହିଛନ୍ତି ବୈଦେଶିକ ନୀତି ଏବଂ କୂଟନୈତିକ ସଫଳତା ପାଇଁ ସେ ବେଶ୍ ଜଣାଶୁଣା ଥିଲେ ।

## ଫରେନ୍ ସେକ୍ରେଟାରୀ – ନେପାଳ

ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ ଏକ ଦୁଇଦିନିଆ ସରକାରୀ ଗସ୍ତରେ ନେପାଳର କାଠମାଣ୍ଡୁଠାରେ ପହଞ୍ଚିଛନ୍ତି । ନେପାଳର ବୈଦେଶିକ ସଚିବ ସେବା ଲାମସଲଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମିସ୍ତ୍ରୀ କାଠମାଣ୍ଡୁର ତ୍ରିଭୁବନ ଆର୍ନ୍ତଜାତିକ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁସାରେ ଦୁଇଦେଶର ବୈଦେଶିକ ସଚିବମାନେ ଦ୍ୱିପାକ୍ଷିକ ପାରସ୍ପରିକ ବୁଝାମଣା ଓ ସହଯୋଗ ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡା ବୈଦେଶିକ ଶ୍ରୀ ମିସ୍ତ୍ରୀ ନେପାଳ ସରକାରଙ୍କର ଅନ୍ୟାନ୍ୟ ବିଭିନ୍ନ ବରିଷ୍ଠ ପଦାଧିକାରୀଙ୍କ ସହ ଭିନ୍ନ ଭିନ୍ନ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହା ହେଉଛି ଭାରତର ବୈଦେଶିକ ସଚିବଙ୍କର ନେପାଳକୁ ଏକ ଚିରାଚରିତ ଗସ୍ତ । ଏହାଦ୍ୱାରା ଭାରତ ତା'ର ପଡୋଶୀ ପ୍ରଥମ ନୀତିକୁ କାର୍ଯ୍ୟକାରୀ କରିପାରିଛି । ନେପାଳ ଏବଂ ଭାରତ ମଧ୍ୟରେ ଦୀର୍ଘବର୍ଷ ଧରି ସଭ୍ୟତା,

ସଂସ୍କୃତି ଓ ବ୍ୟକ୍ତିଗତ ସମ୍ପର୍କକୁ ସ୍ଥାୟୀକରି ଆସୁଛି । ନେପାଳରେ ବିଭିନ୍ନ ଭିତ୍ତିଭୂମି ବିକାଶ ଓ ଯୋଗାଯୋଗ ଭିତ୍ତିକ ପ୍ରକଳ୍ପରେ ଭାରତ ସହଯୋଗ ପ୍ରଦାନ କରିଆସିଛି । ବୈଦେଶିକ ସଚିବ ଶ୍ରୀ ମିସ୍ତ୍ରୀ ଆସନ୍ତାକାଲି ଭାରତ ପ୍ରତ୍ୟାବର୍ତ୍ତନ କରିବେ ।

## ନିଟ୍-ପିଜି ଏକ୍ସାମ

ନିଟ୍ ପିଜି ପ୍ରବେଶିକା ପରୀକ୍ଷା ୨୦୨୪ ଆଜି ଅନୁଷ୍ଠିତ ହେଉଛି । ଜାତୀୟ ପରୀକ୍ଷଣ ସଂସ୍ଥା ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି । ୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଉଛନ୍ତି । ସୂଚନାଯୋଗ୍ୟ ଗତ ଜୁନ୍ ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଅଭିଯୋଗ ଆସିବା ପରେ ଏହାକୁ ସ୍ଥଗିତ ରଖାଯାଇଥିଲା ।

## ବାଂଲାଦେଶ-ପ୍ରୋଟେଷ୍ଟ

ବାଂଲାଦେଶ ମଧ୍ୟବର୍ତ୍ତୀ ସରକାରର ମୁଖ୍ୟ ପରାପର୍ଶଦାତା ମହମ୍ମଦ ୟୁନୁସ୍ ସେଠାରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିବା ସହ ଅତ୍ୟନ୍ତ ଜଘଣ୍ୟ ବୋଲି ଅଭିହିତ କରିଛନ୍ତି । ସଂଖ୍ୟାଲଘୁଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏହି ନୋବେଲ ପୁରସ୍କାର ବିଜେତା ଆନ୍ଦୋଳନରେ ସଂଶ୍ଳିଷ୍ଟ ଥିବା ଛାତ୍ର ସଂଗଠନକୁ ଅନୁରୋଧ କରିଛନ୍ତି ।

ବାଂଲାଦେଶର ରାଜଧାନୀ ଢାକା ଏବଂ ଉତ୍ତରପୂର୍ବ ବନ୍ଦର ସହର ଛତ୍ରା ଗ୍ରାମରେ ଗତକାଲି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବହୁ ସଂଖ୍ୟାରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଲି ଯୋଗୁଁ ସାହାଭାଗ ଠାରେ ତିନିଘଣ୍ଟାରୁ ଅଧିକ ସମୟ ସଡ଼କ ଯାତାୟତ ବନ୍ଦ ରହିଥିଲା । ସଂଖ୍ୟାଲଘୁଙ୍କ ଘର, ବ୍ୟବସାୟ କେନ୍ଦ୍ର ଏବଂ ମନ୍ଦିର ଗୁଡ଼ିକୁ ଭଙ୍ଗାରୁଜା କରାଯାଉଥିବା ପରିପ୍ରେକ୍ଷୀରେ ସେମାନେ ସୁରକ୍ଷାଦାବି କରିଥିଲେ । ସଂଖ୍ୟାଲଘୁଙ୍କୁ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତ୍ୱରିତ ଶୁଣାଣି ପାଇଁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ସ୍ଥାପନ ଏବଂ ସଂଖ୍ୟାଲଘୁଙ୍କ ପାଇଁ ୧୦ ପ୍ରତିଶତ ସଂସଦୀୟ ଆସନ ସଂରକ୍ଷିତ ରଖିବା ଓ ସେମାନଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ସେବା ଦାବି କରିଥିଲେ ।

ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଇସ୍ତଫା ଦେବା ପରେ ଦେଶରେ ସଂଘଟିତ ହିଂସାକାଣ୍ଡରେ ଅନେକ ହିନ୍ଦୁ ମନ୍ଦିର, ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଥିଲା । ଏଥିରେ ଆୱାମି ଲିଗ୍ ପାର୍ଟି ସହ ଜଡ଼ିତ ଅତି କମ୍‌ରେ ଦୁଇ ଜଣ ହିନ୍ଦୁ ନେତାଙ୍କର ଏହି ହିଂସାକାଣ୍ଡରେ ମୃତ୍ୟୁ ହୋଇଛି ।

ଅନ୍ୟ ପକ୍ଷରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣ ପରିପ୍ରେକ୍ଷୀରେ ଭାରତୀୟ ଆମେରିକୀୟ ସାଂସଦମାନେ ଆମେରିକୀୟ କଂଗ୍ରେସରେ ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି । ବୈଦେଶିକ ସଚିବ ଆଣ୍ଟୋନି ବ୍ଲିକେନ୍‌ଙ୍କୁ ଚିଠି ମାଧ୍ୟମରେ ସାଂସଦମାନେ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ସୁରକ୍ଷା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବାକୁ ଦାବି କରିଛନ୍ତି ।

ୱାଶିଂଟନ୍, ମେରିଲ୍ୟାଣ୍ଡ, ଭର୍ଜିନିଆ, ନ୍ୟୁୟର୍କ ସମେତ ଆମେରିକାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିକ୍ଷୋଭକାରୀ ଆମେରିକା ଏବଂ ବାଂଲାଦେଶର ପତାକା ଧରି ୱାଶିଂଟନ୍‌ର ହ୍ୱାଇଟ୍‌ହାଉସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ସେହିଭଳି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଉପ ମୁଖପାତ୍ର ଫରହାନ୍ ହକ୍ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି । ହିଂସା ପ୍ରଭାବିତ ସଂଖ୍ୟାଲଘୁଙ୍କ ଥଇଥାନ ପାଇଁ ସହଯୋଗ ପ୍ରଦାନ କରିବାକୁ ଜାତିସଂଘ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି ।

## ଜେକେ ଏନ୍‌କାଉଣ୍ଟର

ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ କୋକେରନାଗର ଗଗରମାଣ୍ଡୁ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟରେ ୨ଜଣ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି । ୨ଜଣ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଥିବା ଜଣାପଡିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ରଙ୍କ ଠାରୁ ସୂଚନା ଅନୁଯାୟୀ ଏହି ଗୁଳି ବିନିମୟରେ ଦୁଇଜଣ ଜବାନ ଗୁରୁତର ଆହତ ହୋଇଥିଲେ । ଚିକିତ୍ସିତ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ହୋଇଛି । ଆହତ ନାଗରିକ ୨ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ସେଠାରେ ଗୁଳିବିନିମୟ ଜାରି ରହିଥିଲା ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ୨ ଜବାନଙ୍କ ମୃତ୍ୟୁରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି ।

## ଉତ୍ତରାଖଣ୍ଡ-ହେଭି ରେନ୍

ଉତ୍ତରାଖଣ୍ଡରେ ଭୂ-ସ୍ଖଳନ ହେବା ଫଳରେ ଚାରିଧାମ ଯାତ୍ରା ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଉତ୍ତରକାଶୀ ଜିଲ୍ଲାର ନେତାଲା ଓ ଜ୍ଞାନସୁ ଦେଇ ଯାଉଥିବା ଗଙ୍ଗୋତ୍ରୀ ଜାତୀୟ ରାଜପଥରେ ଜାତାୟାତ ବାଧାପ୍ରାପ୍ତ ହୋଇଛି । ବାରକୋଟ୍ ନିକଟରେ ଭୂ-ସ୍ଖଳନ ଜନିତ ଭଙ୍ଗାରୁଜା ଅଂଶ ଗଦା ହୋଇଥିବା ହେତୁ ରାସ୍ତା ଜାମ୍ ରହିଛି । ଏହି ଭୂ-ସ୍ଖଳନ ଫଳରେ ଚାମୋଲି ଜିଲ୍ଲା ଦେଇ ଯାଇଥିବା ବଦ୍ରିନାଥ ଜାତୀୟ ରାଜପଥ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି । ପ୍ରବଳ ବର୍ଷା ହେବା ଫଳରେ ଏହି ଭୂ-ସ୍ଖଳନ ଘଟି ଶତାଧିକ ଗ୍ରାମ ସହ ସଂଯୋଗ ରାସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ସହଜ ଯାତାୟାତ ନିମନ୍ତେ ରାସ୍ତା ପରିଷ୍କାର କରିବା ପାଇଁ ଜୋର୍‌ସୋର୍ ସଫେଇ ଅଭିଯାନ ଜାରି ରହିଛି ।  ଇତିମଧ୍ୟରେ ସେଠାକାର ପାଣିପାଗ ବିଭାଗ ପ୍ରବଳ ବର୍ଷା ନେଇ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରିଛି ।

# ଅଲିମ୍ପିକ୍ସ

ଏଥର ପ୍ୟାରିଲିସ୍ ଅଲିମ୍ପିକ୍ସ ସମ୍ପର୍କିତ କିଛି ଖବର ।

ପ୍ୟାରିସ୍ ଅଲିମ୍ପିକ୍ସ ଆଜି ଶେଷ ହେଉଛି । ଭାରତୀୟ ସମୟ ରାତି ସାଢ଼େ ୧୨ଟାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ । ଫ୍ରାନ୍ସର ଷ୍ଟାଡେଡି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ପାଖାପାଖି ୮୦ ହଜାରରୁ ଅଧିକ ଦର୍ଶକ ଯୋଗଦେବେ । ପ୍ୟାରିସ୍ ଅଲମ୍ପିକ୍ସ ଜ୍ୟୋତିକୁ ନିର୍ବାପିତ କରାଯିବା ସହ ଅଲମ୍ପିକ ପତାକାକୁ ୨୦୨୮ ଲସ୍ ଏଞ୍ଜେଲସ ଅଲମ୍ପିକ୍ସର ପରିଚାଳନା କମିଟିକୁ ହସ୍ତାନ୍ତର କରାଯିବ ।

ଗ୍ରୀଷ୍ମକାଳିନୀ ଅଲିମ୍ପିକ୍ସର ଏହି ୩୩ତମ ସଂସ୍କରଣ ଗତମାସ ୨୬ ତାରିଖରୁ ଆରମ୍ଭ ହୋଇଥିଲା । ଏଥିରେ ୨୦୬ଟି ଦେଶର ୧୦ହଜାର ୭୦୦ ପ୍ରତିଯୋଗି ୩୨ଟି କ୍ରୀଡ଼ା ପ୍ରତିଯୋଗିତାରେ ୩୨୯ଟି ପଦକ ପାଇଁ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । ଭାରତରୁ  ୧୬ଟି ପ୍ରତିଯୋଗିତା ପାଇଁ ୧୧୭ ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ ।

ଭାରତର ପ୍ୟାରିସ୍ ଅଲିମ୍ପିକ୍ସ  ଅଭିଯାନ ପ୍ରାୟତଃ ଶେଷ ହୋଇଛି । ଏହି ଅଲିମ୍ପିକ୍ସରେ ଭାରତ ମୋଟ୍ ୬ଟି ପଦକ ପାଇଛି । ସେଥିରେ ଗୋଟିଏ ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ରହିଛି । ଭାରତୀୟ ମହିଳା କୁସ୍ତି ଯୋଦ୍ଧା ରିତିକା ହୁଡ଼ା ୭୬ କିଲୋଗ୍ରାମରେ ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ କିର୍ଗିଜିସ୍ତାନ ପ୍ରତିଯୋଗୀ ମେଡେଟ୍ କାଇଜି ଆଇପେରୀଙ୍କଠାରୁ ପରାସ୍ତ ହୋଇଛନ୍ତି ।

ଗଲ୍ଫ ପ୍ରତିଯୋଗିତାରେ ଅଦିତି ଅଶୋକ ଏବଂ ଦୀକ୍ଷା ଡାଗର ୩୩ ଏବଂ ୫୧ ତମ ସ୍ଥାନରେ ରହି ତାଙ୍କର ଅଲିମ୍ପିକ୍ସ ଅଭିଯାନ ଶେଷ କରିଛନ୍ତି।

ଏ ପର୍ଯ୍ୟନ୍ତ ୩୯ଟି ସ୍ୱର୍ଣ୍ଣ ସହ ମୋଟ୍ ୯୦ଟି ପଦକ ହାସଲ କରି ଚୀନ୍ ତାଲିକାର ଶୀର୍ଷରେ ଥିବା ବେଳେ ଆମେରିକା ୩୮ଟି ସ୍ୱର୍ଣ୍ଣ ସହ ୧୨୨ଟି ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି । ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ଥିବାବେଳେ ଭାରତ ୭୧ତମ ସ୍ଥାନରେ ରହିଛି ।